# ସର୍ବହରା କ୍ରାନ୍ତି

• ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ- କମ୍ରେଡ୍ ତାପସ ଦତ୍ତ • ଅନ୍‌ଲାଇନ୍ ସଂସ୍କରଣ

VOL NO.- 07, ISSUE NO.-01, ବିଶେଷ ବୁଲେଟିନ୍ FORTNIGHTLY (ODIA), BHUBANESWAR. ELECTRONIC VERSION PAGES-08

## ନଭେମ୍ବର ୨୬ ସର୍ବଭାରତୀୟ ସାଧାରଣ ଧର୍ମଘଟ

## ରାଜ୍ୟବ୍ୟାପୀ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଏବଂ ଏହାର ଗଣ ସଙ୍ଗଠନ ମାନଙ୍କ ନେତୃତ୍ୱରେ ଦୁର୍ବାର ଆନ୍ଦୋଳନ

କଂଗ୍ରେସ ନେତୃତ୍ୱରେ ପରିଚାଳିତ ଉପା ସରକାରର ଚୂଡ଼ାନ୍ତ ଜନବିରୋଧି ନୀତି ଓ ପଦକ୍ଷେପ ଫଳରେ ଅତିଷ୍ଠ ଜନସାଧାରଣଙ୍କୁ ଆଚ୍ଛେଦିନର ସ୍ୱପ୍ନ ଦେଖାଇ କେନ୍ଦ୍ରରେ କ୍ଷମତାସୀନ ହୋଇଥିବା ବିଜେପି ପରିଚାଳିତ କେନ୍ଦ୍ର ସରକାର ଏହାର ୬ ବର୍ଷର ଶାସନକାଳରେ ଦେଶର ଜନସାଧାରଣଙ୍କୁ ଆହୁରି ଗଭୀର ସଙ୍କଟରେ ନିମଜ୍ଜିତ କରିଛି। ଦୀର୍ଘ ରକ୍ତକ୍ଷୟୀ ସଂଗ୍ରାମ ଫଳରେ ଦେଶର ଶ୍ରମିକ ଶ୍ରେଣୀ ହାସଲ କରିଥିବା ଅଧିକାର ଗୁଡ଼ିକୁ ଗୋଟିଏ ପରେ ଗୋଟିଏ ଅପହରଣ କରାଯାଉଛି। ଦେଶର ଚାଷ ଜମି, କୃଷି, କୃଷକ ଓ କୃଷିଜାତ ଦ୍ରବ୍ୟ ଉପରେ ପୁଞ୍ଜିପତି ମାନଙ୍କୁ ଲଗାମଛଡ଼ା ଏକଚାଟିଆ ଅଧିକାର ଦେବା ପାଇଁ ଅତ୍ୟନ୍ତ ମାରାତ୍ମକ ଭାବରେ କୃଷକ ଓ ସାଧାରଣ ଖାଉଟି ସ୍ୱାର୍ଥ ବିରୋଧି କଳା କୃଷି ଆଇନ୍ ପ୍ରଣୟନ କରିଛି। ବିମୁଦ୍ରିକରଣ ଓ ଜିଏସ୍‌ଟି ପ୍ରଚଳନ କରି କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପର ସର୍ବନାଶ କରାଯାଉଛି। ଫଳରେ କୋଟି କୋଟି ଲୋକ କାମ ହରାଇ ଦାଣ୍ଡରେ ଭିକାରୀରେ ପରିଣତ ହୋଇଛନ୍ତି। କରେନା ମହାମାରୀର ମୁକାବିଲା କରିବା ଆଳରେ ଦେଶର ସାଧାରଣ ଲୋକଙ୍କୁ ହାହାକାରମୟ ପରିସ୍ଥିତି ମଧ୍ୟରେ ନିକ୍ଷେପ କରାଯାଇଛି। ଅବିଚାରିତ ଭାବରେ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଜାରୀ କରି ଦେଶର କୋଟି କୋଟି ଲୋକଙ୍କୁ ନାହିଁ ନ ଥିବା ଦୁର୍ଦ୍ଦଶାର ଶୀକାର କରାଯାଇଛି। ପ୍ରବାସୀ ଶ୍ରମିକମାନଙ୍କ ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ଅମାନବୀୟ ଓ ଅପରାଧି ସୁଲଭ ଆଭିମୁଖ୍ୟ ଦେଶର ଶାସନ ବ୍ୟବସ୍ଥାର ଅସଲ ଜନବିରୋଧି ଚେହେରାକୁ ଲୋକଚକ୍ଷୁରେ ଉନ୍ମୋଚିତ କରିଛି। ଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ସଙ୍ଗଠିତ କରିବା ଆଳରେ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁକରି ସାଧାରଣ ଘରର ପିଲାମାନଙ୍କ ପାଇଁ ସୀମିତ ହେଲେ ମଧ୍ୟ ପୂର୍ବରୁ ଯାହାକିଛି ସାମାନ୍ୟ ସୁଯୋଗ ଥିଲା ସେସବୁକୁ ଛଡ଼ାଇ ନିଆଯାଇଛି। ସାଧାରଣ ଲୋକଙ୍କ ଟିକସ ଅର୍ଥରେ ଗଢ଼ିଉଠିଥିବା ରାଷ୍ଟ୍ରାୟତ୍ତ ସଂସ୍ଥା ଗୁଡ଼ିକୁ ଶାଗ ମାଛ ଦରରେ ଘରୋଇ କମ୍ପାନୀମାନଙ୍କ ହାତକୁ ଟେକି ଦିଆଯାଉଛି। ଘରୋଇକରଣ ଫଳରେ ବ୍ୟାପକ ଶ୍ରମିକ କର୍ମଚାରୀ ଛଟେଇ ଚାଲିଛି। ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଦାମ କମ ରହିଥିଲେ ମଧ୍ୟ ପେଟ୍ରୋଲ ଓ ଡିଜେଲ ଉପରେ ବିପୁଳ ଟିକସ ଆଦାୟ କରି କେନ୍ଦ୍ର ଓ ରାଜ୍ୟ ସରକାରମାନେ ସାଧାରଣ ଖାଉଟିଙ୍କୁ ନିର୍ଦ୍ଦୟ ଭାବରେ ଲୁଣ୍ଠନ କରି ଚାଲିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ହୁହୁ ହୋଇ ବଢ଼ି ଚାଲିଛି। ଆଳୁ, ପିଆଜ, ଖାଇବା ତେଲ, ପନିପରିବା କିଣି ଖାଇବା ସାଧାରଣ ମଧ୍ୟବିତ୍ତମାନଙ୍କ ପକ୍ଷରେ ବି ଅସମ୍ଭବ ହୋଇପଡୁଛି। ଅନ୍ୟପଟରେ ସାଧାରଣ ଲୋକଙ୍କର ପ୍ରତିବାଦର ସ୍ୱରକୁ ସ୍ତବ୍ଧ କରିବାପାଇଁ ଗଣତାନ୍ତ୍ରିକ ଅଧିକାର ଓ କଥା କହିବାର ଅଧିକାର ଉପରେ ନଗ୍ନ ଆକ୍ରମଣ କରାଯାଉଛି।

ଏହିଭଳି ମାରାତ୍ମକ ପରିସ୍ଥିତିରେ ବିପ୍ଲବୀ ଟ୍ରେଡ୍ ୟୁନିୟନ୍ ଏଆଇୟୁଟିୟୁସି ସମେତ ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ସଙ୍ଗଠନ ଓ ସ୍ୱାଧିନ ଫେଡ଼େରେସନମାନଙ୍କ ପକ୍ଷରୁ ୭ ଦଫା ଦାବିରେ ନଭେମ୍ବର ୨୬ ତାରିଖରେ ସର୍ବଭାରତୀୟ ସାଧାରଣ ଧର୍ମଘଟର ଡାକରା ଦିଆଯାଇଥିଲା। କେନ୍ଦ୍ର ସରକାର ସମ୍ପ୍ରତି ପ୍ରଣୟନ କରିଥିବା ୩ଟି ଅତ୍ୟନ୍ତ ମାରାତ୍ମକ କୃଷକ ବିରୋଧି କୃଷି ଆଇନ୍ ବିରୁଦ୍ଧରେ ଆନ୍ଦୋଳନ ଚଳାଇଥିବା ଅଲ୍ ଇଣ୍ଡିଆ କିସାନ୍ କ୍ଷେତମଜଦୁର ସଙ୍ଗଠନ ସମେତ୍ ଦେଶର ୨୫୦ଟି କୃଷକ ସଙ୍ଗଠନର ମିଳିତ ମଞ୍ଚ "ଅଲ୍ ଇଣ୍ଡିଆ କିସାନ୍ ସଂଘର୍ଷ କୋର୍ଡ଼ିନେସନ୍ କମିଟି" ମଧ୍ୟ ଏହି ଧର୍ମଘଟକୁ ସକ୍ରିୟ ସମର୍ଥନ ଜ୍ଞାପନ କରିଥିଲା। ଏହାପରେ ଦେଶର ବିଭିନ୍ନ ଛାତ୍ର, ଯୁବକ ଓ ମହିଳା ସଙ୍ଗଠନ ପକ୍ଷରୁ ମଧ୍ୟ ଏହି ସର୍ବଭାରତୀୟ ଧର୍ମଘଟର ସମର୍ଥନରେ ରାସ୍ତାକୁ ଓହ୍ଲାଇଥିଲେ। ଏହି ପରିସ୍ଥିତିରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ସାଧାରଣ ସମ୍ପାଦକ କମ୍ରେଡ୍ ପ୍ରଭାସ ଘୋଷ ସାଧାରଣ ଲୋକଙ୍କର ଜୀବନ ଜୀବିକାର ଦାବିରେ ଆହୂତ ଏହି ଧର୍ମଘଟରେ ସମସ୍ତ ଶକ୍ତି ଦେଇ ସାମିଲ ହେବାପାଇଁ ଏବଂ ଏହାକୁ ସର୍ବୋତ ଭାବରେ ସଫଳ କରିବାପାଇଁ ପାର୍ଟିର ନେତା, କର୍ମୀ, ସମର୍ଥକ ଓ ଦରଦୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଆହ୍ୱାନକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ସମେତ ସମଗ୍ର ଦେଶର ପାର୍ଟି ଓ ଏହାର ଗଣସଙ୍ଗଠନ ଗୁଡ଼ିକ ଧର୍ମଘଟକୁ ସଫଳ କରିବାପାଇଁ ସମସ୍ତ ଶକ୍ତି ବିନିଯୋଗ କରିଥିଲେ। ସମଗ୍ର ରାଜ୍ୟରେ ନଭେମ୍ବର ୨୬ ତାରିଖରେ ଗ୍ରହଣ କରାଯାଇଥିବା ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମର ଏକ ରିପୋର୍ଟ।

**ବଲାଙ୍ଗୀର:** ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଶେଷକରି ବଲାଙ୍ଗୀର ସହରରେ ସାରାଭାରତ ସାଧାରଣ ଧର୍ମଘଟ ଉପଲକ୍ଷେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ଓ ଅଲ୍ ଇଣ୍ଡିଆ କିସାନ କ୍ଷେତମଜଦୁର ସଙ୍ଗଠନ, ଅଲ୍ ଇଣ୍ଡିଆ ଡିଏସ୍‌ଓ, ଅଲ୍ ଇଣ୍ଡିଆ




ଡିୱାଇ ଏବଂ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପ୍ରମୁଖ ଗଣସଙ୍ଗଠନ ପକ୍ଷରୁ ଧର୍ମଘଟପାଇଁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଥିଲା। ନଭେମ୍ବର ୨୫ ତାରିଖ ସନ୍ଧ୍ୟାରେ ପାର୍ଟି ଏବଂ ସମସ୍ତ ଗଣସଙ୍ଗଠନର ସ୍ୱେଚ୍ଛାସେବକମାନେ ଏକ ବିଶାଳ ମସାଲ ଶୋଭାଯାତ୍ରାରେ ସହରର ମୁଖ୍ୟରାସ୍ତା ପରିକ୍ରମା କରି ଧର୍ମଘଟ ସପକ୍ଷରେ ଜନମତ ସୃଷ୍ଟି କରିଥିଲେ। ନଭେମ୍ବର ୨୬ ତାରିଖରେ ଏକ ମଟର ସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲ୍ଲାପାଳ ଅଫିସ୍ ଘେରାଓ କରାଯାଇଥିଲା ଏବଂ ଶ୍ରମିକ ସଙ୍ଗଠନ ମାନଙ୍କର ମିଳିତ ମଞ୍ଚ ଦ୍ୱାରା ଆୟୋଜିତ ଧାରଣାରେ ସ୍ୱେଚ୍ଛାସେବକମାନେ ଯୋଗ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଦଳର ଜିଲ୍ଲା ସାଙ୍ଗଠନିକ କମିଟିର ସମ୍ପାଦକ କମ୍ରେଡ୍ ସୁନୀଲ ଭୋଇ, ଏଆଇକେକେଏମ୍‌ଏସ୍ ପକ୍ଷରୁ କମ୍ରେଡ୍ ହୃଦାନନ୍ଦ କରୁଆଁ, ଅଲ୍ ଇଣ୍ଡିଆ ଡିଏସ୍‌ଓ ପକ୍ଷରୁ କମ୍ରେଡ୍ ରାଜେନ୍ଦ୍ର ରଣା ଓ ମଧୁସୂଦନ ବାଗ୍, ଅଲ୍ ଇଣ୍ଡିଆ ଏମ୍‌ଏସ୍‌ଏସ୍ ପକ୍ଷରୁ କମ୍ରେଡ୍ ଚନ୍ଦ୍ରକାନ୍ତି ସାହୁ ଓ ଅଲ୍ ଇଣ୍ଡିଆ ଡିୱାଇଓ ପକ୍ଷରୁ କମ୍ରେଡ୍ ଖଗେଶ୍ୱର ମହାନନ୍ଦ, ଦଳର ଜିଲ୍ଲା ସାଙ୍ଗଠନିକ କମିଟିର ସଦସ୍ୟ କମ୍ରେଡ୍ କୁଶପୃଷ୍ଟି ବାଗ୍, ଲକ୍ଷ୍ମୀଧର ସାମଲ ଓ ବିକାଶ ଜେନା ପ୍ରମୁଖ ନେତୃତ୍ୱକାରୀ ଭୂମିକା ପାଳନ କରିଥିଲେ।

**ବୈପାରୀଗୁଡ଼ା:** ସାରାଭାରତ ସାଧାରଣ ଧର୍ମଘଟ ଉପଲକ୍ଷେ ବୈପାରୀଗୁଡ଼ା ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ଏବଂ ଏହାର ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ ନଭେମ୍ବର ୨୬ ତାରିଖ ଦିନ ଏକ ମିଳିତ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଶୋଭାଯାତ୍ରା ସହର ପରିକ୍ରମା କରିବାପରେ ଶହୀଦ୍ ଲକ୍ଷ୍ମଣ ନାୟକ ଛକରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଏଆଇୟୁଟିୟୁସିର ଜିଲ୍ଲା ସଭାପତି କମ୍ରେଡ୍ କାହ୍ନୁ ବିଶ୍ୱାଳ, ଏଆଇକେକେଏମ୍‌ଏସ୍ ପକ୍ଷରୁ କମ୍ରେଡ୍ ରାମ ବାରିକ, ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ କମ୍ରେଡ୍ ଲକ୍ଷ୍ମୀ ବାରିକ, ଅଲ୍ ଇଣ୍ଡିଆ ଡିଏସ୍‌ଓ ପକ୍ଷରୁ କମ୍ରେଡ୍ ବାସନ୍ତୀ ଖରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହାବ୍ୟତୀତ ଏଆଇସିସିଟିୟୁ ଏବଂ ଏଆଇଟିୟୁସିର ନେତୃବୃନ୍ଦଙ୍କ ସମେତ ନେତାଜୀ ରାଜମିସ୍ତ୍ରୀ ସଙ୍ଗଠନ ପକ୍ଷରୁ କମ୍ରେଡ୍ ସୂର୍ଯ୍ୟନାରାୟଣ ବିଶୋୟୀ ମଧ୍ୟ ବକ୍ତବ୍ୟ ରଖିଥିଲେ।



**ଜଗତ୍‌ସିଂହପୁର:** ସର୍ବଭାରତୀୟ ଧର୍ମଘଟ ପରିପ୍ରେକ୍ଷୀରେ ଜଗତସିଂହପୁରଠାରେ ଅନ୍ୟାନ୍ୟ ଟ୍ରେଡ୍ ୟୁନିୟନ୍ ମାନଙ୍କ ସହିତ ମିଳିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମିଳିତ ଶୋଭାଯାତ୍ରା




ସହର ପରିକ୍ରମା କରିବାପରେ ସହରର ମୁଖ୍ୟ ଛକରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଏଆଇୟୁଟିୟୁସି ଜିଲ୍ଲା ସଭାପତି କମ୍ରେଡ୍ ପ୍ରଦୀପ୍ତ ରାମ, ସମ୍ପାଦକ କମ୍ରେଡ୍ ବିଷ୍ଣୁ ବାରିକ, ପାଚିକା ସହାୟିକା ନେତ୍ରୀ କମ୍ରେଡ୍ କାନ୍ଦୁରୀ ବାରିକ, କୃଷ୍ଣପ୍ରିୟା ପତି, ପ୍ରମୁଖଙ୍କ ନେତୃତ୍ୱରେ ନିର୍ମାଣ ଶ୍ରମିକ ଓ ପାଚିକା ସହାୟିକାମାନେ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ସେହିଭଳି ବିରିଡ଼ି ବସ୍‌ଷ୍ଟାଣ୍ଡରୁ ଏକ ଶୋଭାଯାତ୍ରା ବିରିଡ଼ି ବ୍ଲକ୍ ଅଫିସ୍‌କୁ ଯାଇଥିଲା। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ଏବଂ ଏହି ସଭାରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଆଞ୍ଚଳିକ କମିଟି ସମ୍ପାଦକ କମ୍ରେଡ୍ ମଙ୍ଗୁଳି ଚରଣ ଦାସ ଓ ସଙ୍ଗଠକ କମ୍ରେଡ୍ ପ୍ରକାଶ ଦାସ ବକ୍ତବ୍ୟ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଶ୍ରମିକ, ଚାଷୀ ଓ ଛାତ୍ର ତଥା ଜନସାଧାରଣଙ୍କ ସ୍ୱାର୍ଥ ବିରୋଧବ ନୀତି ଓ ପଦକ୍ଷେପର ତୀବ୍ର ନିନ୍ଦା କରିଥିଲେ।

**ଯାଜପୁର:** ସର୍ବଭାରତୀୟ ଧର୍ମଘଟ ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ସଭା, ଶୋଭାଯାତ୍ରା, ରାସ୍ତାରୋକ, ଧାରଣା ଓ ପିକେଟିଂ ଭଳି ବିଭିନ୍ନ ଧରଣର କାର୍ଯ୍ୟକ୍ରମ







ଆୟୋଜିତ ହୋଇଥିଲା। ଧର୍ମଘଟର ପ୍ରସ୍ତୁତି ପର୍ବରେ ସମଗ୍ର ଜିଲ୍ଲାରେ ପଥପ୍ରାନ୍ତ ସଭା, ଶୋଭାଯାତ୍ରା ଓ ପ୍ରଚାରପତ୍ର ବଣ୍ଟନ




ପ୍ରଭୃତି କାର୍ଯ୍ୟକ୍ରମ ବ୍ୟାପକ ଭାବରେ କରାଯାଇଥିଲା। ନଭେମ୍ବର ୨୬ ତାରିଖରେ ଯାଜପୁର ଟାଉନ୍, ଯାଜପୁର ରୋଡ୍, କବାଟବନ୍ଧ, ଜାରକା, କୁଆଖିଆ, ମଙ୍ଗଳପୁର, ସିଂହପୁର ପ୍ରଭୃତି ସ୍ଥାନରେ ନାନାବିଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯାଜପୁରଟାଉନ୍‌ଠାରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ସଦସ୍ୟ କମ୍ରେଡ୍ ସଦାଶିବ ଦାସ, ସୁରେନ୍ଦ୍ର ମଲ୍ଲିକ, ଅଚ୍ୟୁତ ପ୍ରଧାନ, ଜିଲ୍ଲା କମିଟି ସଦସ୍ୟ କମ୍ରେଡ୍ ରାଧାବଲ୍ଲଭ ମଲ୍ଲିକ, ସୁବାସ ମଲ୍ଲିକ, ତରଙ୍ଗିଣୀ ଦାସ, ବୀରକିଶୋର ନାୟକ, ସୁଲୋଚନା ପ୍ରଧାନ, ଅଭିମନ୍ୟୁ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଯାଜପୁରରୋଡ୍‌ଠାରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ କମିଟି ସଦସ୍ୟ କମ୍ରେଡ୍ ସୁରେଶ ପ୍ରଧାନ, ବିଜୟାନନ୍ଦ ମଲ୍ଲିକ, କେଦାରନାଥ ସାହୁଙ୍କ ସମେତ କମ୍ରେଡ୍ ନୃସିଂହ ମହନ୍ତ, ସୁଧାଂଶୁ ଦାସ, ବିଜୟ ଜେନା, ମେଘନାଦ ମଲ୍ଲିକ ପ୍ରମୁଖ ଧର୍ମଘଟକୁ ସଫଳ କରିବା କ୍ଷେତ୍ରରେ ନେତୃତ୍ୱକାରୀ ଭୂମିକା ପାଳନ କରିଥବଲେ। ସେହିଭଳି କବାଟବନ୍ଧଠାରେ କମ୍ରେଡ୍ ଚୈତନ୍ୟ ସାହୁ, ଶରତ ବାରିକ, ମନୋଜ ସେଠୀ ପ୍ରମୁଖ ଧର୍ମଘଟକୁ ସଫଳ କରିବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ପାଳନ କରିଥିଲେ। ସେହିଭଳି ଜାରକାଠାରେ କମ୍ରେଡ୍ ମଧୁମିତା ସାହୁ, ପ୍ରଭାତୀ ମଲ୍ଲିକ, ପ୍ରଶାନ୍ତ ସ୍ୱାଇଁ, ବିଚିତ୍ରାନନ୍ଦ ଦାସ, ଦମୟନ୍ତୀ ମୁଦୁଲି; କୁଆଖିଆଠାରେ କମ୍ରେଡ୍ ଚୈତନ୍ୟ ମହାରଣା, ପ୍ରଫୁଲ୍ଲ ବେହେରା, କିଶୋର ମଲ୍ଲିକ, ମଙ୍ଗଳପୁରଠାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଦସ୍ୟା କମ୍ରେଡ୍ ସ୍ୱୟଂପ୍ରଭା ନାୟକ, ନୃସିଂହ ପଣ୍ଡା, ପ୍ରଫୁଲ୍ଲ ଭଂଜ, ଶାନ୍ତିଲତା ପଣ୍ଡା, ଅକ୍ଷୟ ପଣ୍ଡା; ସିଂହପୁରଠାରେ କମ୍ରେଡ୍ ସଂଯୁକ୍ତା ନାୟକ, କ୍ଷୀରୋଦ କର, ବ୍ରହ୍ମାନନ୍ଦ ମଲ୍ଲିକ ପ୍ରମୁଖ ଧର୍ମଘଟକୁ ସଫଳ କରିବା କ୍ଷେତ୍ରରେ ନେତୃତ୍ୱକାରୀ ଭୂମିକା ପାଳନ କରିଥିଲେ।

**ଭଦ୍ରକ:** ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ନାନାବିଧ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଭଦ୍ରକ ସହରରେ ଅନ୍ୟାନ୍ୟ ଟ୍ରେଡ୍ ୟୁନିୟନ୍ ନେତୃବୃନ୍ଦଙ୍କ ସମେତ୍ ଏଆଇୟୁଟିୟୁସି ପକ୍ଷରୁ କମ୍ରେଡ୍ ରାମଚନ୍ଦ୍ର ଶଙ୍ଖୁଆ, ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା ସାଙ୍ଗଠନିକ କମିଟିର ସମ୍ପାଦକ କମ୍ରେଡ୍ ରମେଶ ନାୟକ, ଅଲ୍






ଭଣ୍ଡାରୀ ପୋଖରୀ ବ୍ଲକ ଅଫିସ୍ ସମ୍ମୁଖ

ଇଣ୍ଡିଆ ଡିଏସ୍‌ଓ ପକ୍ଷରୁ କମ୍ରେଡ୍ ଆଜମଲ ହୁସେନ୍‌ଙ୍କ ସମେତ ଶତାଧିକ ସ୍ୱେଚ୍ଛାସେବୀ ଜାତୀୟ ରାଜପଥ ଅବରୋଧ କରିବା ସଙ୍ଗେ ସଙ୍ଗେ କୋର୍ଟ କଚେରୀ, ଅଫିସ ଦପ୍ତର ଓ ଦୋକାନବଜାର ବନ୍ଦ କରିଥିଲେ। ସେହିଭଳି ଭଣ୍ଡାରୀପୋଖରୀ ବ୍ଲକ୍ ଅଫିସ୍ ସମ୍ମୁଖରେ ଅଲ୍ ଇଣ୍ଡିଆ କିସାନ କ୍ଷେତମଜଦୁର ସଙ୍ଗଠନ ପକ୍ଷରୁ ପିକେଟିଂ କରାଯାଇଥିଲା। କମ୍ରେଡ୍ ପର୍ଶୁରାମ ଲେଙ୍କା, ଦିଗମ୍ବର ସ୍ୱାଇଁ, କୀର୍ତ୍ତନ ମଲ୍ଲିକ ଓ ବାସନ୍ତୀ ସ୍ୱାଇଁ ପ୍ରମୁଖ ଭଣ୍ଡାରୀପୋଖରୀଠାରେ ଧର୍ମଘଟ କାର୍ଯ୍ୟକ୍ରମରେ ନେତୃତ୍ୱକାରୀ ଭୂମିକା ପାଳନ କରିଥିଲେ। ଏହାବ୍ୟତୀତ ଚାନ୍ଦବାଲି ବ୍ଲକ୍‌ର ଚାନ୍ଦବାଲିଠାରେ ଦଳର ଜିଲ୍ଲା ସଙ୍ଗଠକ କମ୍ରେଡ୍ ନରେନ୍ଦ୍ର ବିଶ୍ୱାଳ ଓ ପୀତାମ୍ବର ଦାସଙ୍କ ନେତୃତ୍ୱରେ ଚାନ୍ଦବାଲି କୋର୍ଟ, ତହସିଲ ଓ ବ୍ଲକ୍ ଅଫିସ୍ ସମ୍ମୁଖରେ ପିକେଟିଂ କରାଯାଇଥିଲା।

**ମୟୁରଭଞ୍ଜ:** ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ସର୍ବଭାରତୀୟ ଧର୍ମଘଟକୁ ସର୍ବୋତ ଭାବରେ ସଫଳ କରିବାପାଇଁ ନାନାବିଧ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଯଶୀପୁରଠାରେ ପୂର୍ବଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ଧର୍ମଘଟକୁ ସଫଳ କରିବାପାଇଁ




ଦୋକାନବଜାର ଓ ଅଫିସ ଦପ୍ତର ବନ୍ଦ କରାଯାଇଥିଲା ଏବଂ କଲିକତା ଓ ମୁମ୍ବାଇକୁ ସଂଯୋଗ କରୁଥିବା ୪୯ ନମ୍ବର ଜାତୀୟ ରାଜପଥକୁ ସାରାଦିନ ଅବରୋଧ କରାଯାଇଥିଲା। ରାସ୍ତାରୋକ ସ୍ଥଳରେ କମ୍ରେଡ୍ ମନୋଜ ମହାନ୍ତଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଦସ୍ୟ ତଥା ଯଶୀପୁରର ପୂର୍ବତନ ବିଧାୟକ କମ୍ରେଡ୍ ଶମ୍ଭୁନାଥ ନାଏକ, ପ୍ରକାଶ ମଢ଼େଇ, କଂଗ୍ରେସ ସୋରେନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ କମ୍ରେଡ୍ ଜୈନାଥ ମହନ୍ତ, ନିଳାମ୍ବର ନାଏକ, ଯୁବନେତା ଲଳିତ ମହନ୍ତ, ଶିକ୍ଷକନେତା ତରୁଣ କୁମାର ପାତ୍ର, ଛାତ୍ରନେତା ସୁଶାନ୍ତ ମୁର୍ମୁ, ଅର୍ଜୁନ ମହନ୍ତ, ଶ୍ରୀନିବାସ ନାଏକ, ରବୀନ୍ଦ୍ର ନାଥ ମହାନ୍ତ, କଲ୍ୟାଣ ନାଏକ ପ୍ରମୁଖ ଧର୍ମଘଟକୁ ସଫଳ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥିଲେ। ସେହିପରି ଠାକୁରମୁଣ୍ଡା ବ୍ଲକ୍‌ରେ ପାର୍ଟି, ଏବଂ କୃଷକ ସଙ୍ଗଠନ ପକ୍ଷରୁ ଓ ପାଚିକା ସହାୟିକା ସଙ୍ଗଠନ ପକ୍ଷରୁ ମିଳିତ କାର୍ଯ୍ୟକ୍ରମ କରାଯାଇଥିଲା। ଠାକୁରମୁଣ୍ଡା ବଜାର ବନ୍ଦ କରାଯାଇଥିଲା ଓ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ଏସ୍‌ୟୁସିଆଇ(ସି) ମୟୁରଭଞ୍ଜ ଜିଲ୍ଲା ସମ୍ପାଦକ କମ୍ରେଡ୍ ସାଦଚରଣ ବଦ୍ରା ଓ କୃଷକ ସଙ୍ଗଠନର ଠାକୁରମୁଣ୍ଡା ବ୍ଲକ କମିଟିର ସମ୍ପାଦକ କମ୍ରେଡ୍ ବାଜୁରାମ ସିଦ୍ଧୁ ବକ୍ତବ୍ୟ ରଖି ଧର୍ମଘଟକୁ ସଫଳ

କରିବାପାଇଁ ଆହ୍ୱାନ ଦେଇଥିଲେ। କପ୍ତିପଦାଠାରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ କମ୍ରେଡ୍ ଶ୍ୟାମ ବାନରା, ଏଆଇକେକେଏମଏସ ପକ୍ଷରୁ ବାନରା ଉଗ୍ରସେଣ୍ଡି, ସୁବୁଧିଆ ହାଇବ୍ରୁ, ଯୁବରାଜ ସାମାଡ଼, ସମା ସମ୍ବୁରାଇ, ଭାଗବତ ସାଉଯାଁ, ଗୋବିନ୍ଦ ହାଇବ୍ରୁ, ଯତୀନ୍ଦ୍ର ବାନରା, ସାତରି ସିଂହ, ରଥ ଦେଓଗାମ୍, ସିଙ୍ଗରାୟ ଦେଓଗାମ୍ ପ୍ରମୁଖଙ୍କ ନେତୃତ୍ୱରେ ଧର୍ମଘଟ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

**କେନ୍ଦୁଝର:** ସର୍ବଭାରତୀୟ ଧର୍ମଘଟ ଉପଲକ୍ଷେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ଓ ଅଲ୍ ଇଣ୍ଡିଆ କିସାନ କ୍ଷେତମଜଦୁର ସଂଗଠନ ପକ୍ଷରୁ କେନ୍ଦୁଝର ଜିଲ୍ଲାପାଳ ଅଫିସ୍



ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ଏବଂ ଜିଲ୍ଲାପାଳ ଅଫିସ ଘେରାଉ କରାଯାଇଥିଲା। ଏହି ଆନ୍ଦୋଳନ କାର୍ଯ୍ୟକ୍ରମରେ କମ୍ରେଡ୍ ଘନଶ୍ୟାମ ମହନ୍ତ ଓ ବେଣୁଧର ସର୍ଦ୍ଦାର ନେତୃତ୍ୱ ନେଇଥିଲେ।

**ପୁରୀ:** ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓ ଅଲ୍ ଇଣ୍ଡିଆ କେକେଏମ୍ଏସ୍ ପକ୍ଷରୁ ମିଳିତ ଭାବରେ ପୁରୀ ଜିଲ୍ଲାର ଡେଲାଙ୍ଗଠାରେ ସର୍ବଭାରତୀୟ ଧର୍ମଘଟ ଉପଲକ୍ଷେ




ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ନଭେମ୍ବର ୨୬ ସକାଳୁ ସଂଗଠନର କର୍ମୀମାନେ ଶୋଭାଯାତ୍ରାରେ ଡେଲାଙ୍ଗ ବଜାର ପରିକ୍ରମା କରି ସ୍ଥାନୀୟ ତହସିଲ ଅଫିସ୍ ସମ୍ମୁଖରେ ପିକେଟିଂ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଡେଲାଙ୍ଗ ଆଞ୍ଚଳିକ କମିଟିର ସମ୍ପାଦକ କମ୍ରେଡ୍ ଦୀନବନ୍ଧୁ ପରିଡ଼ା, କୃଷକ ନେତା କମ୍ରେଡ୍ ବଟକୃଷ୍ଣ ସ୍ୱାଇଁ, ଗଙ୍ଗାଧର ପ୍ରଧାନ, ପଦ୍ମଚରଣ ଜେନା, ଗୋଲକ ବରାଳ, ଟୁକୁନା ବେହେରା ଓ ପଦ୍ମନାଭ ପଣ୍ଡା ପ୍ରମୁଖ ନେତୃବୃନ୍ଦ ନେତୃତ୍ୱ ନେଇଥିଲେ।

**ଖୋର୍ଦ୍ଧା:** ନଭେମ୍ବର ୨୬ ସର୍ବଭାରତୀୟ ଧର୍ମଘଟ ପାଇଁ ଖୋର୍ଦ୍ଧାଠାରେ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଥିଲା। ନଭେମ୍ବର ୨୪ ଓ ୨୫ ଦୁଇଦିନ ଧରି ଖୋର୍ଦ୍ଧା ସହର ଓ ଶିଳ୍ପାଞ୍ଚଳରେ ମାଇକ୍




ପ୍ରଚାର ଓ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ୨୫ ତାରିଖ ସଂଧ୍ୟାରେ ସହରରେ ମଶାଲ ଶୋଭାଯାତ୍ରା କରାଯାଇଥିଲା। ଧର୍ମଘଟ ଦିନ ସକାଳ ୯ଟାରେ ମିଳିତ ଶ୍ରମିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଆଇୟୁଟିୟୁସି ପକ୍ଷରୁ କମ୍ରେଡ୍ ଅଶୋକ ସାହୁ, ଜୟନ୍ତ ମହାନ୍ତି, ବସ୍ତି ଉଚ୍ଛେଦ ପ୍ରତିରୋଧ ସଂଗ୍ରାମୀ ମଞ୍ଚ ପକ୍ଷରୁ କମ୍ରେଡ୍ କାର୍ତ୍ତିକ ଘଡ଼େଇ, ଏସିଏମ୍ ପମ୍ପ ଚାଳକ ସଂଘର ରାଜ୍ୟ ସମ୍ପାଦକ ଜିତେନ୍ଦ୍ର ବଳବନ୍ତରାୟ, ସଂଘମିତ୍ରା ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଅନ୍ୟାନ୍ୟ ଟ୍ରେଡ୍‌ୟୁନିୟନ୍ ନେତୃବୃନ୍ଦ ମଧ୍ୟ ଆନ୍ଦୋଳନରେ ସାମିଲ ହୋଇଥିଲେ।

**କଟକ:** ନଭେମ୍ବର ୨୬ ସାଧାରଣ ଧର୍ମଘଟ ପୂର୍ବରୁ କଟକ ଜିଲ୍ଲାରେ ବ୍ୟାପକ ପ୍ରଚାର କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। କଟକ ସହର ସମେତ ବାରଙ୍ଗ, କିଶୋର ନଗର, ନିଶ୍ଚିତ କୋଇଲି, କଟକ ସଦର, ସାଲେପୁର ଓ ମାହାଙ୍ଗା ବ୍ଲକର ଶତାଧିକ ସ୍ଥାନରେ ପଥପ୍ରାନ୍ତ ସଭାମାନ ଅନୁଷ୍ଠିତ ହୋଇଥିଲା ଏବଂ ପ୍ରଚାରପତ୍ର ବଣ୍ଟନ




କଟକ ଜିଲ୍ଲାପାଳ ଅଫିସ୍ ସମ୍ମୁଖ

କରାଯାଇଥିଲା। ଧର୍ମଘଟକୁ ସଫଳ କରିବାପାଇଁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ଓ ଦଳର ସମସ୍ତ ଗଣ ସଂଗଠନ ପକ୍ଷରୁ ଏକ ମିଳିତ ପଟୁଆର ସହର ପରିକ୍ରମା କରିବା ପରେ କଟକ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ପିକେଟିଂ କରାଯାଇଥିଲା। ପିକେଟିଂ ସ୍ଥଳରୁ ପୁଲିସ୍ ୪୨ ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରିଥିଲା। ଦଳର ଜିଲ୍ଲା ସମ୍ପାଦକ କମ୍ରେଡ୍ ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ଭାଗ୍ୟରବି ଦାସ, ବିନୋଦ ସେଠୀ, ସସ୍ମିତା ମହାନ୍ତି, ଦିପକ ଦାସ,




କଟକ ସଦର

ଇଷା ଧର, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ସ୍ୱାଧିନୀ ବେହେରା, ପ୍ୟାଭେଲ ପ୍ରିୟଦର୍ଶନ, ଶୋଭା ଦେହୁରୀ, ପ୍ରତାପ ମିଶ୍ର ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇ ଗିରଫ ହୋଇଥିଲେ। ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବାପାଇଁ କଟକ ସଦର ବ୍ଲକ ସମ୍ମୁଖରେ ମଧ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓ ଏଆଇୟୁଟିୟୁସି ପକ୍ଷରୁ ପିକେଟିଂ କରାଯାଇଥିଲା। ଏହି ପିକେଟିଂ କାର୍ଯ୍ୟକ୍ରମରେ କମ୍ରେଡ୍ ବସନ୍ତ ନାୟକ, ସସ୍ମିତା ମହାନ୍ତି, ଶରତ ଚନ୍ଦ୍ର ବେହେରା, ଭାଗୀରଥି ଭୋଇ, ରେଣୁ ମହାରଣା, ମାନଗୋବିନ୍ଦ ପଣ୍ଡା, ରଞ୍ଜିତ୍ କୁମାର ସାହୁ, ଯୋଗେନ୍ଦ୍ର ରାଉତ ପ୍ରମୁଖ ନେତୃତ୍ୱ ଦେଇଥିଲେ। ସେହିଭଳି ଧର୍ମଘଟ ସମର୍ଥନରେ ବାରଙ୍ଗ ବ୍ଲକ୍ ସମ୍ମୁଖରେ ମଧ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ପ୍ରତିବାଦକାରୀମାନେ ଏକ ଶୋଭାଯାତ୍ରାରେ ଆସି ବାରଙ୍ଗ ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ପ୍ରତିବାଦ ସଭା କରିଥିଲେ। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ବାରଙ୍ଗ ଆଞ୍ଚଳିକ କମିଟି ସମ୍ପାଦକ କମ୍ରେଡ୍ ସିଦ୍ଧାର୍ଥ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ନିର୍ମାଣ ଶ୍ରମିକ ସଂଗଠନ ପକ୍ଷରୁ ନବଘନ ନାୟକ, ଏଆଇକେକେଏମ୍ଏସ୍ ପକ୍ଷରୁ କମ୍ରେଡ୍ ଅଶୋକ ବେହେରା, ଏଆଇଏମ୍ଏସ୍ଏସ ପକ୍ଷରୁ କମ୍ରେଡ୍ ମାଳିବିକା ସାମଲ, ଅଲ୍ ଇଣ୍ଡିଆ ଡିଏସ୍ଓ ପକ୍ଷରୁ କମ୍ରେଡ୍ ଭାଗ୍ୟଶ୍ରୀ ପ୍ରଧାନ, ରାଜେଶ ରାଉତ, ବିରେନ୍ ପାଇଟାଳ ଓ ବିଦ୍ୟାଳୟ ପାଚିକା ସଂଘ ପକ୍ଷରୁ ଲତା ପଣ୍ଡା, ଲିଲି ଜେନା ପ୍ରମୁଖ ବକ୍ତବ୍ୟ ରଖି ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ନିଶ୍ଚିତ କୋଇଲି ବ୍ଲକ ସମ୍ମୁଖରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି, ଅଲ୍ ଇଣ୍ଡିଆ ଡିଏସ୍ଓ, ଅଲ୍ ଇଣ୍ଡିଆ କିସାନ କ୍ଷେତମଜଦୁର ସଂଗଠନ, ମିଳିତ ଓଡ଼ିଶା ପାଚିକା




ନିଶ୍ଚିତ କୋଇଲି

ସହାୟିକା ସଂଘ, ଓଡ଼ିଶା ମିଳିତ ନିର୍ମାଣ ଶ୍ରମିକ ସଂଗଠନ ପକ୍ଷରୁ ପୃଥକ୍ ପୃଥକ୍ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଶହ ଶହ ଚାଷୀ, ମୂଲିଆ, ଛାତ୍ର, ଯୁବକ, ମହିଳା ଓ ସାଧାରଣ ଲୋକ ଏହି ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟି ସଦସ୍ୟ ତଥା ଶ୍ରମିକ ନେତା କମ୍ରେଡ୍ ରାଜକିଶୋର ମଲ୍ଲିକ, ଅଜୟ କୁମାର ମଲ୍ଲିକ, ପ୍ରଶାନ୍ତ ଦାସ, ଭଗବାନ ଦାସ, ଏକାଦଶୀ ବେହେରା, ବିଶ୍ୱ ନିରାମୟ ନିର୍ମାଣ ଶ୍ରମିକ ସଂଗଠନ ପକ୍ଷରୁ ଶେଖ ଅମ୍‌ଜାଦ ଅଲ୍ଲୀ, ମା ବୁଢ଼ୀ ଜାଗୁଲେଇ ଶ୍ରମିକ ସଂଗଠନ ପକ୍ଷରୁ ଆଶିଷ ମହାନ୍ତି, ଭିଟାମାଟି ନିର୍ମାଣ ସଂଘ ପକ୍ଷରୁ ସରୋଜ ସ୍ୱାଇଁ, ଅଲ୍ ଇଣ୍ଡିଆ କିସାନ କ୍ଷେତ ମଜଦୁର ସଂଗଠନ ପକ୍ଷରୁ ଅଜି କାଣ୍ଡି, ବାବୁଲି କାଣ୍ଡି, ଅରକ୍ଷିତ ସେଠୀ, ଭଗବାନ କାଣ୍ଡି, ନାରାୟଣ ଦାସ, ଅଲ୍ ଇଣ୍ଡିଆ ଡିଏସ୍ଓ ପକ୍ଷରୁ କମ୍ରେଡ୍ ଭାଗ୍ୟରବି ଦାସ, ପ୍ରିୟଙ୍କା ସେଠୀ, ପାଚିକା ସଂଘ ପକ୍ଷରୁ କମ୍ରେଡ୍ ପରମାନନ୍ଦ ସେଠୀ ଓ ଭାଗୀରଥି ଭୋଇ ପ୍ରମୁଖ ଆନ୍ଦୋଳନରେ ନେତୃତ୍ୱ ଦେଇଥିଲେ।

**ବାଲେଶ୍ୱର:** ବାଲେଶ୍ୱର ଜିଲ୍ଲାରେ ସର୍ବଭାରତୀୟ ଧର୍ମଘଟ ପାଇଁ ବ୍ୟାପକ ପ୍ରାଚୀର ଲିଖନ, ମାଇକ ପ୍ରଚାର, ପଥପ୍ରାନ୍ତ ସଭା, ମଟର ସାଇକେଲ ଶୋଭାଯାତ୍ରା ଓ ପ୍ରଚାରପତ୍ର ବଣ୍ଟନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଧର୍ମଘଟ ଦିନ କମ୍ରେଡ୍ ଉମାକାନ୍ତ ଦାସ, ପ୍ରଶାନ୍ତ ଦାସ, ନନ୍ଦରାୟ ଚୌଧୁରୀ, ସୁଶାନ୍ତ ଜେନା, କୃଷ୍ଣ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳର କର୍ମୀ ସମର୍ଥକମାନେ ବାଲେଶ୍ୱର ମ୍ୟୁନିସିପାଲିଟି, ବ୍ୟାଙ୍କ, ବୀମା ଓ ଅନ୍ୟାନ୍ୟ ସରକାରୀ ଅଫିସ୍ ସମ୍ମୁଖରେ ପିକେଟି କରିଥିଲେ। ଏହା ବ୍ୟତୀତ ଭୋଗରାଇ ବ୍ଲକ୍ ଅନ୍ତର୍ଗତ ଚନ୍ଦନେଶ୍ୱର ବଜାରରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ




ବାଲେଶ୍ୱର

କମିଟି ସଦସ୍ୟ କମ୍ରେଡ୍ ନିରାକାର ପାଣ୍ଡବଙ୍କ ନେତୃତ୍ୱରେ କମ୍ରେଡ୍ ହରେକୃଷ୍ଣ ଦାସ, ସରୋଜିନୀ ମହାନ୍ତି, ଆସମାନ ରାଜ, ରାଜେଶ ଖାଁ, ରତନ ସୋରେନ୍, ସନିଆ ସୋରେନ ପ୍ରମୁଖ ଚନ୍ଦନେଶ୍ୱର-ଜଳେଶ୍ୱର ରାସ୍ତା ଅବରୋଧ କରିଥିଲେ ଏବଂ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଦୋକାନ ବଜାର ବନ୍ଦ କରାଇଥିଲେ।




ଭୋଗରାଇ

**ବ୍ରହ୍ମପୁର:** ନଭେମ୍ବର ୨୬ ସାଧାରଣ ଧର୍ମଘଟକୁ ସଫଳ କରିବାପାଇଁ ବ୍ରହ୍ମପୁରଠାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓ ଏଆଇୟୁଟିୟୁସି ପକ୍ଷରୁ ସପ୍ତାହବ୍ୟାପୀ ପ୍ରଚାର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଧର୍ମଘଟ ଦିନ ଏଆଇୟୁଟିୟୁସିର ସ୍ୱେଚ୍ଛାସେବକମାନେ ଅନ୍ୟାନ୍ୟ ଟ୍ରେଡ୍ ୟୁନିୟନ୍ ମାନଙ୍କ ସହିତ ମିଳିତ ଭାବର ବ୍ରହ୍ମପୁର ରେଳଷ୍ଟେସନ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ପୋଷ୍ଟଅଫିସ୍, ବ୍ୟାଙ୍କ ସମେତ



ବ୍ରହ୍ମପୁର ଜିଲ୍ଲାପାଳ ଅଫିସ୍ ସମ୍ମୁଖ




ବ୍ରହ୍ମପୁର ବସ ଷ୍ଟାଣ୍ଡ

ବିଭିନ୍ନ ସରକାରୀ ଅଫିସ୍ ବନ୍ଦ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଗଞ୍ଜାମ ଜିଲ୍ଲା ସାଙ୍ଗଠନିକ କମିଟିର ସମ୍ପାଦକ କମ୍ରେଡ୍ ସୋମନାଥ ବେହେରା, ଶିବାନୀ ଶଙ୍କର ମିଶ୍ର, ନିମାଇଁ ଚରଣ ସାହୁ, ପପୁନ ସାହୁ, ନାରାୟଣ ସାହୁ, କିଶାନ ସାହୁ, କାମରାଜ ସାହୁ ପ୍ରମୁଖ ନେତୃତ୍ୱ ଦେଇଥିଲେ।

**ସୁନ୍ଦରଗଡ଼:** ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ନଭେମ୍ବର ୨୬ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ସଫଳ କରିବାପାଇଁ ନାନାବିଧ କାର୍ଯ୍ୟକ୍ରମ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ଏବଂ ଦଳର



ବିଭିନ୍ନ ଗଠନସଙ୍ଗଠନ ମାନଙ୍କ ପକ୍ଷରୁ ଏକକ ଓ ଅନ୍ୟାନ୍ୟ ଟ୍ରେଡ୍ ୟୁନିୟନ୍ ଓ ଗଣସଙ୍ଗଠନ ମାନଙ୍କ ସହିତ ମିଳିତ ଭାବରେ ଗ୍ରହଣ କରାଯାଇଛି। ଏଆଇୟୁଟିୟୁସି ଓ ଆନ୍ଦୋଳନରେ ସାମିଲ ହୋଇଥିବା ଅନ୍ୟାନ୍ୟ ଟ୍ରେଡ୍ ୟୁନିୟନ୍ ମାନଙ୍କ ପକ୍ଷରୁ ମିଳିତ ଭାବରେ ରାଉରକେଲାର ବିଶ୍ରାଛକଠାରେ ରାସ୍ତାରୋକ କରାଯାଇଥିଲା। ମଟର ସାଇକେଲ ଶୋଭାଯାତ୍ରା କରି ଦୋକାନବଜାର ଓ ଛୋଟ କାରଖାନା ବନ୍ଦ କରାଯାଇଥିଲା। ଶ୍ରମିକ ନେତା ତଥା ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଦସ୍ୟ କମ୍ରେଡ୍ ଅଜିତ୍ ନାୟକ, ସତ୍ୟପ୍ରିୟ ମହାନ୍ତି, ବିଜୟ ସାହୁ, ବିଷ୍ଣୁ ପଣ୍ଡା, ସୁବାସ ଦଣ୍ଡପାଟ ପ୍ରମୁଖ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏହାବ୍ୟତୀତ ଅଲ୍ ଇଣ୍ଡିଆ ଡିଏସ୍ଓ, ଅଲ୍ ଇଣ୍ଡିଆ ଡିୱାଇଓ ଏବଂ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ





ମଧ୍ୟ ପୃଥକ ଭାବରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଛାତ୍ରନେତା କମ୍ରେଡ୍ ସଂଗ୍ରାମ ପରିଡ଼ା, ବିରେନ ନାୟକ, ବାଦଲ ମହାନ୍ତି, ଅଲିଭା ଦାସ, ଯୁବନେତା କମ୍ରେଡ୍ ସେଖ ଇସଲାମ୍, ଆଲୋକ ବେହେରା, ରଶ୍ମୀରଞ୍ଜନ ମଲ୍ଲିକ, ଶୁଶିଲ କୁମାର ବାରିକ, ମହିଳା ନେତ୍ରୀ କମ୍ରେଡ୍ ବିଦ୍ୟୁତ୍ ମହନ୍ତ, କବିତା ମହାନ୍ତି, ଲିଲି ମହାନ୍ତି, ପାଚିକା ସଙ୍ଗଠନର ନେତା କମ୍ରେଡ୍ ବିଜୟ ସାହୁ, ନମିତା ସେଠୀ, ନିର୍ମାଣ ଶ୍ରମିକ ସଙ୍ଗଠନ ପକ୍ଷରୁ କମ୍ରେଡ୍ ବିଷ୍ଣୁ ପଣ୍ଡା, ଆଶା ପ୍ରସାଦ, ଶୁଶିଲା ନିଶାନ, ଇଞ୍ଜିନିୟରଂ ୱାର୍କର୍ସ ୟୁନିୟନର ସୁଲମନ ସୁଭିନ୍, ସୁନିଲ ଚୌଧୁରୀ, ପ୍ରଭାତ ମହାପାତ୍ର, ନିରାକାର ଜେନା, ସୁନିଲ ଲାକଡ଼ ପ୍ରମୁଖ ନେତୃତ୍ୱ ନେଇଥିଲେ। ରାଜଗାଙ୍ଗପୁରଠାରେ କମ୍ରେଡ୍ ଲେନିନ୍ ଟେଟେ, ଲିଓନି ତିର୍କି, ବିଶ୍ୱାସ ହେମ୍ବ୍ରମ୍, କୁତ୍ରାଠାରେ କମ୍ରେଡ୍ ଜଷ୍ଟିନ୍ ଲୁଗୁନ୍ ଓ ଚନ୍ଦ୍ରମଣି ଜୟପୁରିଆଙ୍କ ନେତୃତ୍ୱରେ ଜାତୀୟ ରାଜପଥ ଅପରୋଧ କରାଯାଇଥିଲା। ସେହିଭଳି ବାମରାଠାରେ ଏଆଇୟୁଟିୟୁସି ଓ ଏଆଇକେକେଏମ୍ଏସ୍ ପକ୍ଷରୁ କମ୍ରେଡ୍ ଲକ୍ଷ୍ମୀନାରାୟଣ ଛତ୍ରିଆ, ହରିହର ଟୋପ୍ପୋ, ମମତା ମହାନନ୍ଦ ପ୍ରମୁଖଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏତଦ୍‌ବ୍ୟତୀତ ବିଶ୍ରା, ଲାଠିକଟା, କୁଆଁରମୁଣ୍ଡା ଆଦି ସ୍ଥାନରେ ସାଧାରଣ ଧର୍ମଘଟକୁ ସଫଳ କରିବାପାଇଁ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ର ଯୁବକ ଓ ମହିଳା ସାମିଲ ହୋଇଥିଲେ।

**ଅନୁଗୁଳ :** ନଭେମ୍ବର ୨୬ ତାରିଖ ଧର୍ମଘଟକୁ ସଫଳ କରିବା ପାଇଁ ଏଆଇୟୁଟିୟୁସି ସମେତ୍ ଅନ୍ୟାନ୍ୟ ଆନ୍ଦୋଳନକାରୀ





ଟ୍ରେଡ୍ ୟୁନିୟନ୍ ମାନେ ମିଳିତ ଭାବରେ ସହରରେ ଶୋଭାଯାତ୍ରା କରିବା ସମେତ୍ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିଭଳି ମିଳିତ ମଞ୍ଚ ଆହ୍ୱାନରେ ନାଲକୋ, ଏନ୍‌ଟିପିସି, ଏମ୍‌ସିଏଲ୍, ଜେଏସ୍‌ପିଏଲ ଆଦି ଖଣି ଓ କାରଖାନା ଅଞ୍ଚଳରେ ପ୍ରତିବାଦ ସଭା ଓ ଶୋଭାଯାତ୍ରା ମାନ ଆୟୋଜନ କରାଯାଇଥିଲା। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ଏବଂ ଅଲ୍ ଇଣ୍ଡିଆ ଡିଏସ୍ଓ, ଅଲ୍ ଇଣ୍ଡିଆ ଡିୱାଇଓ, ମହିଳା ସାଂସ୍କୃତିକ ସଙ୍ଗଠନ ପ୍ରମୁଖ ଗଣ ସଙ୍ଗଠନ ମିଳିତ ଭାବରେ ଅନୁଗୁଳ ସହରରେ ଶୋଭାଯାତ୍ରା କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଅଫିସ୍ ଦପ୍ତର ସମ୍ମୁଖରେ ପିକେଟିଂ କରିଥିଲେ। ଏଆଇୟୁଟିୟୁସି ସହବନ୍ଧିତ ତାଲଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ୍ ସମେତ ଅନ୍ୟାନ୍ୟ ଶ୍ରମିକ ସଙ୍ଗଠନ ମାନଙ୍କର ମିଳିତ ଉଦ୍ୟମରେ ଏନ୍‌ଟିପିସି ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲ୍ଲାର ଛେଣ୍ଡିପଦା ଓ କିଶୋର ନଗର ବ୍ଲକ୍ ଅଫିସ୍ ସମ୍ମୁଖରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ନେତୃତ୍ୱରେ ପିକେଟିଂ କରାଯାଇଥିଲା। ଏହି ଧର୍ମଘଟରେ ଏଆଇୟୁଟିୟୁସି ରାଜ୍ୟ ଉପସଭାପତି ତଥା ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଦସ୍ୟ କମ୍ରେଡ୍ ଭିକାରୀ ପ୍ରଧାନ, ଏଆଇୟୁଟିୟୁସି ଜିଲ୍ଲା ସଭାପତି ପ୍ରହ୍ଲାଦ ସାହୁ, ସମ୍ପାଦକ ତଥା ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଦସ୍ୟ କମ୍ରେଡ୍ ବ୍ରଜବନ୍ଧୁ ସାହୁ, ପାର୍ଟିର ଜିଲ୍ଲା କମିଟି ସଦସ୍ୟ କମ୍ରେଡ୍ ନବ କିଶୋର ପ୍ରଧାନ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ମାନସ ପାଲ, ମନ୍ଦୋଦରୀ ରାଉଳ, ସରୋଜିନୀ ନାୟକ, ରଣଜିତ ପ୍ରଧାନ, କୈଳାସ ସାହୁ, ପରମାନନ୍ଦ ସାହୁ, ସଂଜୟ ସାହୁ ଓ ଟୁନା ନାୟକ ପ୍ରମୁଖ ନେତୃତ୍ୱକାରୀ ଭୂମିକା ପାଳନ କରିଥିଲେ।

**ଭୁବନେଶ୍ୱର:** ଭୁବନେଶ୍ୱରଠାରେ ନଭେମ୍ବର ୨୬ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଏଆଇୟୁଟିୟୁସି ଓ ଏଆଇକେକେଏମ୍ଏସ୍ ପକ୍ଷରୁ ମିଳିତ କାର୍ଯ୍ୟକ୍ରମ ଗ୍ରହଣ






କରାଯାଇଥିଲା। ୨୬ ତାରିଖ ସକାଳ ୬ଟାରୁ ଭୁବନେଶ୍ୱର ରେଳଷ୍ଟେସନ ସମ୍ମୁଖରେ ସ୍ୱେଚ୍ଛାସେବକମାନେ ପିକେଟିଂ କରିଥିଲେ। ଏହାବ୍ୟତୀତ ବିଭିନ୍ନ ସରକାରୀ ଅଫିସ୍, ବ୍ୟାଙ୍କ ଓ ବୀମା କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ପିକେଟିଂ କରାଯାଇଥିଲା। ରାଜମହଲ ଛକଠାରୁ କେନ୍ଦ୍ରୀୟ ଟ୍ରେଡ୍‌ୟୁନିୟନ୍ ମାନଙ୍କର ମିଳିତ ଶୋଭାଯାତ୍ରା ବାହାରି ଲୋୟର ପିଏମ୍‌ଜିଠାରେ ଆଇନ୍ ଅମାନ୍ୟ ଆନ୍ଦୋଳନ କରାଯାଇଥିଲା। ଏ ଆଇନ୍ ଅମାନ୍ୟ କରି ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ କମ୍ରେଡ୍ ଜୟସେନ ମେହେର, ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବେହେରା, ରାଜ୍ୟ କମିଟି ସଦସ୍ୟ କମ୍ରେଡ୍ ନିରଞ୍ଜନ ମହାନ୍ତି ପ୍ରମୁଖ ବହୁ କର୍ମୀ ସମର୍ଥକଙ୍କ ସହିତ ଗିରଫ ହୋଇଥିଲେ। ଏହି ସର୍ବଭାରତୀୟ ଧର୍ମଘଟକୁ ସକ୍ରିୟ ଭାବରେ ସମର୍ଥନ କରୁଥିବା କୃଷକ ସଙ୍ଗଠନ ମାନଙ୍କର ମିଳିତ ମଞ୍ଚ "ଅଲ୍ ଇଣ୍ଡିଆ କିସାନ ସଂଘର୍ଷ କୋର୍ଡ଼ିନେସନ କମିଟି" ପକ୍ଷରୁ ମଧ୍ୟ ଏକ ଶୋଭାଯାତ୍ରା ରାଜମହଲ ଛକଠାରୁ ବାହାରି ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ପହଞ୍ଚିବାପରେ ସେଠାରେ ପ୍ରତିବାଦ ଧାରଣା ଅନୁଷ୍ଠିତ ହୋଇଥିଲା। ଏଥିରେ ମିଳିତ କୃଷକ ମଞ୍ଚର ପ୍ରମୁଖ ଅଂଶୀଦାର ଅଲ୍ ଇଣ୍ଡିଆ କିସାନ କ୍ଷେତମଜଦୁର ସଙ୍ଗଠନର ରାଜ୍ୟ ସମ୍ପାଦକ ତଥା ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଦସ୍ୟ କମ୍ରେଡ୍ ରଘୁନାଥ ଦାସଙ୍କ ସମେତ ବହୁ କର୍ମୀ ସମର୍ଥକ ସାମିଲ ହୋଇଥିଲେ।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Orissa E-mail: sarbaharakranti@yahoo.co.in
Editor : Bishnu Das